# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 28 September – 2026

*********************************

## ମୁଖ୍ୟ ସମ୍ବାଦ

- ଏମ୍.ଡି.ଆର୍ ଶୁଳ୍କ ଲାଗୁ ସଂକ୍ରାନ୍ତ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ମଧ୍ୟକାଳୀନ ସ୍ଥଗିତାଦେଶ ଜାରି କରିବାକୁ ମନା କଲେ ସୁପ୍ରିମକୋର୍ଟ
- ଶେଷ ହେଲା ବିଧାନସଭାର ମୌସୁମୀ ଅଧିବେଶନ; ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ
- ମହାନଦୀ ଜଳବିବାଦର ସମାଧାନ ପାଇଁ ଆସନ୍ତା ପହିଲାରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେବ ବୈଠକ
- ଏସୀୟ କ୍ରୀଡ଼ା ପ୍ରତିଯୋଗିତାର ଏକକ ବନ୍ଧୁକ ଚାଳନାରେ ଭାରତର ଇଶା ସିଂହଙ୍କୁ ରୌପ୍ୟ

ଏବଂ

- ହୀରାକୁଦ ଜଳଭଣ୍ଡାରର ୩୦ଟି ଗେଟ୍ ଦେଇ ନିଷ୍କାସିତ ହେଉଛି ବନ୍ୟାଜଳ

Desk

# ଏସ୍‌ସି-ଏମ୍‌ଡିଆର୍

ବାଣିଜ୍ୟ ରିହାତି ହାର-ଏମ୍‌ଡିଆର ଶୁଳ୍କ ଲାଗୁ ସଂକ୍ରାନ୍ତ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ କୌଣସି ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଜାରି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । ଏ ସଂକ୍ରାନ୍ତ ଏକ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି, ଏଥିରେ ଆଇନଗତ ବ୍ୟବସ୍ଥା ଅପେକ୍ଷା ବୈଷୟିକ ପ୍ରସଙ୍ଗ ଅଧିକ ରହିଛି । ସୁପ୍ରିମକୋର୍ଟ ଆବେଦନର ପ୍ରତିପକ୍ଷଙ୍କୁ ଚାରିସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ସମୟ ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ ଏମ୍‌ଡିଆର ଶୁଳ୍କ ଆସନ୍ତା ମାସ ୧୫ ତାରିଖରୁ କାର୍ଯ୍ୟକାରୀ ହେବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

BBSR/R

# ବିଧାନସଭା– ଚାରୋଟି ବିଲ୍

ବିଧାନସଭାରେ ଆଜି ଚାରୋଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହୋଇଛି। ଓଡ଼ିଶା ରାଜ୍ୟ ବୃତ୍ତି, ବ୍ୟାପାର, ଆଜୀବିକା ଏବଂ ନିୟୋଜନ କର ବିଲ୍-୨୦୨୬, ଭାରତୀୟ ଷ୍ଟାମ୍ପ (ଓଡ଼ିଶା ସଂଶୋଧନ ବିଲ୍)-୨୦୨୬, ଓଡ଼ିଶା ଦ୍ରବ୍ୟ ଓ ସେବାକର (ସଂଶୋଧନ) ବିଲ୍–୨୦୨୬ ପାରିତ ହୋଇଛି। ସେହିଭଳି ଓଡ଼ିଶା ଜନବିଶ୍ୱାସ ବିଲ୍-୨୦୨୬ ମଧ୍ୟ ପାରିତ ହୋଇଥିବା ଜଣାପଡ଼ିଛି। ଗୃହରେ ଏମ୍.ଏମ୍.ଡି.ଆର୍. ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିଛି। ଗୃହରେ ସିଏଜି ରିପୋର୍ଟ ଉପସ୍ଥାପିତ ହୋଇଛି।

Desk

## ବିଧାନସଭା– ମେଡିକାଲ କଲେଜ

ରାଜ୍ୟରେ ବର୍ତ୍ତମାନ ୧୬ଟି ସରକାରୀ ମେଡିକାଲ କଲେଜ, ୬ଟି ବେସରକାରୀ ମେଡିକାଲ କଲେଜ ଏବଂ ଭୁବନେଶ୍ୱରସ୍ଥିତ ଏମ୍ସକୁ ମିଶାଇ ମୋଟ ୩ ହଜାର ୨୫ଟି ଏମ୍.ବି.ବି.ଏସ୍ ସିଟ୍ ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ମହାଲିଙ୍ଗ କହିଛନ୍ତି, ବର୍ତ୍ତମାନ ବିଭିନ୍ନ ମେଡିକାଲ କଲେଜରେ ୬୯୬ଟି ଅଧ୍ୟାପକ ପଦବୀ ଖାଲି ରହିଛି।

Nayagada

## ପିତ୍ତଳ କ୍ଲଷ୍ଟର ପ୍ରକଳ୍ପ

ନୟାଗଡ଼ ଜିଲ୍ଲା କଣ୍ଟିଲୋର ଐତିହ୍ୟ, କାରିଗରୀ କୌଶଳ ଓ ପାରମ୍ପରିକ ଶିଳ୍ପ କଳାକୁ ବିଶ୍ୱସ୍ତରରେ ପହଁଞ୍ଚାଇବା ଲକ୍ଷ୍ୟ ନେଇ କାଷ୍ଠ କଂସା ପିତ୍ତଳ କ୍ଲଷ୍ଟର ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ପି.ପି.ପି ମୋଡରେ ପ୍ରତିଷ୍ଠା ହୋଇଥିବା ଏହି କ୍ଲଷ୍ଟର ପାଇଁ ୪ କୋଟି ୫୩ ଲକ୍ଷ ଟଙ୍କା ଅନୁଦାନ ମିଳିଛି। ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ କହିଛନ୍ତି, ଏହି ପ୍ରକଳ୍ପ ଦ୍ୱାରା କାରିଗରଙ୍କୁ ଆର୍ଥିକ ପ୍ରଶିକ୍ଷଣ, ଉନ୍ନତ ଉତ୍ପାଦନ ବ୍ୟବସ୍ଥା ଓ ବଜାର ସଂଯୋଗର ସୁଯୋଗ ମିଳିବ ବୋଲି କହିଛନ୍ତି।

Bhadrak

## ସହିଦ ଦିବସ

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ରକ୍ତତୀର୍ଥ ଇରମଠାରେ ୮୪ତମ ସହିଦ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ସମେତ ଜନସାଧାରଣ ଯୋଗଦେଇ ସହିଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ବ୍ରିଟିଶ ଶାସନ ବିରୁଦ୍ଧରେ ପ୍ରତିବାଦ କରିବାରୁ ୨୯ ଜଣ ସଂଗ୍ରାମୀ ସହିଦ ହୋଇଥିଲେ।

Desk

## ମହାନଦୀ ଜଳ ବିବାଦ

ଓଡ଼ିଶା–ଛତିଶଗଡ଼ ମଧ୍ୟରେ ଖୁବ୍‌ଶୀଘ୍ର ମହାନଦୀ ଜଳ ବିବାଦର ସମାଧାନ ହେବ ବୋଲି ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି। ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ଆସନ୍ତା ପହିଲାରେ ଏ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଯୋଗଦେବେ। କେନ୍ଦ୍ରୀୟ ଜଳ ଆୟୋଗର ମଧ୍ୟସ୍ଥତାରେ ବିବାଦର ସମାଧାନ ଚାଲିଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

**- V/O -**

Ganjam

## ନିଶାମୁକ୍ତ ଅଭିଯାନ

କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ ବ୍ରହ୍ମପୁର ଦ୍ୱାରା ଶ୍ରୀବେଲେଶ୍ୱର ଡିଗ୍ରୀ

ମହାବିଦ୍ୟାଳୟଠାରେ ପୋଷଣ ଏବଂ ନିଶାମୁକ୍ତ ଭାରତ ଅଭିଯାନ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମ୍ବାଦ ଓ ଗଣ ଯୋଗାଯୋଗ ବିଭାଗର ମୁଖ୍ୟ ଡକ୍ଟର ଜୟନ୍ତ କୁମାର ପଣ୍ଡା ଯୋଗଦେଇ ଏକ ସୁସ୍ଥ ଶରୀର ଓ ନିଶାମୁକ୍ତ ସମାଜ ଦେଶର ଉନ୍ନତିର ମୂଳଦୁଆ ବୋଲି କହିଥିଲେ । ଶିଶୁ ଓ ମା'ମାନଙ୍କ ପାଇଁ ସନ୍ତୁଳିତ ପୁଷ୍ଟିକର ଆହାର ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା ।

Nayagada

## ସେବାପକ୍ଷ

ନୟାଗଡ଼ ଜିଲ୍ଲା ଫତେଗଡ଼ଠାରେ ସେବା ପକ୍ଷ-୨୦୨୬ ଅବସରରେ ଔଷଧୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଫତେଗଡ଼ ରାମ ମନ୍ଦିର ନିକଟସ୍ଥ ବିଜୟନଗର ଫତେଗଡ଼ ଜଙ୍ଗଲ ଅଞ୍ଚଳରେ ଆରୋଗ୍ୟ ବନ ବିକଶିତ କରାଯାଇଛି । ଏଥିରେ ବିଭିନ୍ନ ପ୍ରକାର ଔଷଧୀୟ ଓ ଉପକାରୀ ବୃକ୍ଷର ଚାରାରୋପଣ କରାଯାଇଥିଲା ।

Kalahandi

## ସେବା ସଂକଳ୍ପ ଅଭିଯାନ-କଳାହାଣ୍ଡି

ସେବା ସଂକଳ୍ପ ଅଭିଯାନ ଅଧୀନରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରରେ 'ଅଙ୍ଗନ୍ କା ଉତ୍ସବ' ପାଳିତ ହେଉଛି । ଜିଲ୍ଲାର ୧୪ଟି ପ୍ରକଳ୍ପ ଅଧୀନରେ ଥିବା ୨ ହଜାର ୩୭୭ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଏହି ଉତ୍ସବ ଆୟୋଜନ କରାଯାଉଛି । ଶିଶୁ ଗର୍ଭବତୀ ମହିଳା ଓ ଅନ୍ୟାନ୍ୟ

ହିତାଧିକାରୀଙ୍କୁ ନେଇ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

Dhenkanal

## ସେବା ସଂକଳ୍ପ ଅଭିଯାନ

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ାଠାରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ସେବା ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ କାର୍ଯ୍ୟକ୍ରମରେ ଯୋଗଦେଇ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରିଛନ୍ତି।

Malkangiri

## ଛାତ୍ରୀ ନିବାସ ଉଦ୍‌ଘାଟିତ

ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ପୋଡ଼ାଘାଟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ କସ୍ତୁରବା ଗାନ୍ଧୀ ଛାତ୍ରୀ ନିବାସ ଉଦ୍‌ଘାଟିତ ହୋଇଛି। ଛାତ୍ରୀ ନିବାସ ପ୍ରତିଷ୍ଠା ହେବା ଦ୍ୱାରା ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଙ୍କ ପାଇଁ ଏକ ସୁରକ୍ଷିତ ଅନୁକୂଳ ପାଠପଢ଼ା ପରିବେଶ ସୃଷ୍ଟି ହୋଇପାରିଛି।

Nayagada/Desk

## ଜଳାତଙ୍କ ଦିବସ

ଜଳାତଙ୍କ ରୋଗର ପ୍ରଭାବ ଓ ଏହାର ନିରାକରଣ ସଂପର୍କରେ ଜନସଚେତନତା ସୃଷ୍ଟି କରିବା ନେଇ ଆଜି ବିଶ୍ୱ ଜଳାତଙ୍କ ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି “ଦୃଢ଼ ଏକତା”।

ଜଳାତଙ୍କ ଏକ ଭୂତାଣୁ ଜନିତ ରୋଗ । ଜଳାତଙ୍କ ପ୍ରତିଷେଧ ଟିକା ଉଦ୍ଭାବନ କରିଥିବା ବୈଜ୍ଞାନିକ ଲୁଇ ପାଶ୍ଚରଙ୍କର ସ୍ମୃତିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆଜିର ଦିନକୁ ସ୍ମରଣୀୟ କରିବା ପାଇଁ ଏହି ଦିବସ ପାଳନ କରାଯାଉଛି ।

ରାଜ୍ୟର ୩ ହଜାରରୁ ଅଧିକ ଉଚ୍ଚ ବିଦ୍ୟାଳୟରେ ଆଜି ଏ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀ ଚିକିତ୍ସକ ଓ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇ ଜଳାତଙ୍କ ରୋଗର କାରଣ, ଲକ୍ଷଣ, ପ୍ରତିରୋଧ ଓ ଚିକିତ୍ସା ସମ୍ପର୍କରେ ଅବଗତ କରାଇଥିଲେ।

ନୟାଗଡ଼ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବିଦ୍ୟୁତ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ପିଏମ୍‌ଶ୍ରୀ ଏନ୍.ଏ.ସି. ସରକାରୀ ଉଚ୍ଚବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି।

Desk

# ଏସିଆନ୍ ଗେମ୍‌ସ

ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ୨୫ ମିଟର ମହିଳା ଏକକ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଭାରତର ଇଶା ସିଂ ରୌପ୍ୟ ପଦକ ହାସଲ କରିଛନ୍ତି । ସେହିଭଳି ଗୁଲବୀର ସିଂହ ଏସୀୟ କ୍ରୀଡ଼ାରେ ଦ୍ୱିତୀୟ ପଦକ ଜିତିଛନ୍ତି। ଶ୍ରୀ ସିଂହ ୧ ହଜାର ୫୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛନ୍ତି। ୭୮ କିଲୋଗ୍ରାମ କୁରାସ୍

ପ୍ରତିଯୋଗିତାରେ ଭାରତର ପିଙ୍କି ବଲ୍‌ହରା କାଂସ୍ୟ ପଦକ ହାସଲ କରିଛନ୍ତି ।

ଏପର୍ଯ୍ୟନ୍ତ ଭାରତ ମୋଟ୍ ୪୨ଟି ପଦକ ହାସଲ କରି ତାଲିକାର ଦ୍ୱାଦଶ ସ୍ଥାନରେ ରହିଛି । ଏଥିରେ ୪ଟି ସ୍ୱର୍ଣ୍ଣ, ୧୮ଟି ରୌପ୍ୟ ଏବଂ ୨୦ଟି ବ୍ରୋଞ୍ଜ ପଦକ ରହିଛି ।

Desk

## ପାଣିପାଗ

ଗଭୀର ଅବପାତ ପ୍ରଭାବରେ ଉତ୍ତର ଓଡ଼ିଶା ଏବଂ ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ, ସୁବର୍ଣ୍ଣରେଖା, ଜଲକା, ବୁଢ଼ାବଲଙ୍ଗ ଏବଂ ସାଳନ୍ଦୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ବନ୍ୟା ପରିସ୍ଥିତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ୨୬ଟି ଜିଲ୍ଲାର ୨୦୫ଟି ବ୍ଲକ, ୧୩ ଶହ ୬୦ ପଞ୍ଚାୟତର ୭ ହଜାର ୮୩୪ ଗାଁ ବନ୍ୟାରେ ପ୍ରଭାବିତ ହୋଇଛି। ଏଥିସହିତ ୩୮ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ୨୧୯ଟି ୱାର୍ଡ ମଧ୍ୟ ଏଥିରେ ପ୍ରଭାବିତ ହୋଇଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି।

ଆଜି ସନ୍ଧ୍ୟା ସୁଦ୍ଧା ମୁଣ୍ଡଳିରେ ପ୍ରାୟ ୮ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି।

ଅପରପକ୍ଷରେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଆଜି ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯ ଦଶମିକ ୬/୯ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୫ ଲକ୍ଷ ୮୬ ହଜାର ୨୯୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୩୦ଟି ଗେଟ୍ ଦେଇ ୫ ଲକ୍ଷ ୨୯ ହଜାର ୧୧୮ ଘନଫୁଟ ଜଳ ନିଷ୍କାସିତ ହେଉଛି ।